## ସଂକ୍ଷେପରେ

### ବିଜୁ ଆଦର୍ଶ କଲୋନୀର ଶୁଭାରମ୍ଭ

**ଆଠମଲ୍ଲିକ, ୧୦।୧୧ (ଡି.ଏନ.ଏ.):** ଆଠମଲ୍ଲିକ ଏନ୍‌ଏସିରେ ବିଜୁ ଆଦର୍ଶ କଲୋନୀର ଶୁଭାରମ୍ଭ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ଼ରେ ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ବିଜୁ ଆଦର୍ଶ କଲୋନୀ ଯୋଜନାର କାର୍ଯ୍ୟକ୍ରମକୁ ସରକାରୀ ଅଧିକାରୀଙ୍କ ସହିତ ବସ୍ତି ବାସିନ୍ଦାମାନେ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଟିଭି ମାଧମରେ ଦେଖିଥିଲେ। ସୂଚନାଯୋଗ୍ୟ, ଜାଗା ମିଶନରେ ସରକାରଙ୍କ ତରଫରୁ ବିଜୁ ଆଦର୍ଶ କଲୋନୀ କାର୍ଯ୍ୟକ୍ରମ ରାଜ୍ୟର ୫ଟି ସହରାଞ୍ଚଳରେ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ଅଧକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଉପନଗରପାଳ ଗଦାଧର ସ୍ୱାଇଁ, ପୌର କର୍ମଚାରୀ, ସମସ୍ତ କାଉନସଲରମାନଙ୍କ ସହିତ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

### ବେଆଇନ ଚିପ୍‌ସ ବୋଝେଇ ଟ୍ରାକ୍ଟର ଜବତ

**ଛେଣ୍ଡିପଦା, ୧୦।୧୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ବାଗଡିଆ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରୁ ଗୁରୁବାର ରାଜସ୍ୱ ବିଭାଗ ଏକ ବେଆଇନ ଚିପ୍‌ସ ବୋଝେଇ ଗାଡି ଜବତ କରିଛି। ଘଟଣାରୁ ପ୍ରକାଶ, ବାଗଡିଆ ରାଜସ୍ୱ ନିରୀକ୍ଷକ ଯଜ୍ଞେଶ୍ୱର ସାହୁ ଓ ଅନୁଗୋଳରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ବାଗଡିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ବାଗଡିଆରୁ ଖମାର ଯାଉଥିବା ଏକ ଚିପ୍‌ସ ବୋଝେଇ ଟ୍ରାକ୍ଟରକୁ ଅଟକାଇ ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଟ୍ରାକ୍ଟରର ଚାଳକ କୌଣସି ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ରାଜସ୍ୱ ବିଭାଗ ପକ୍ଷରୁ ଗାଡିକୁ ଜବତ କରାଯିବା ସହିତ ୨୦ ହଜାର ଟଙ୍କା ଜରିମାନା କରାଯାଇଛି।

### ୧୨, ୧୩ରେ ଖେଳାଳି ପଞ୍ଜୀକରଣ

**ଅନୁଗୋଳ ଅଫିସ, ୧୦।୧୧:** ଓଡ଼ିଶା କ୍ରିକେଟ୍ ସଂଘର ରାଜ୍ୟସ୍ତରୀୟ କ୍ରିକେଟ୍ ନିମନ୍ତେ ଖେଳାଯିବାକୁ ଥିବା ଇଣ୍ଟର କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଆସନ୍ତା ନଭେମ୍ବର ୧୨ ଓ ୧୩ ତାରିଖ ସକାଳ ୮ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଗୋଳ ଜିଲା କ୍ରିକେଟ୍ ସଂଘର ନିଜସ୍ୱ କାର୍ଯ୍ୟାଳୟ କଦମ ପଡ଼ିଆଠାରେ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ଏଥିନିମନ୍ତେ ଖେଳାଳିଙ୍କ ସର୍ବୋଚ୍ଚ ବୟସ ସୀମା ୧୪ ବର୍ଷରୁ ଅଧିକ ଓ ୧୯ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଖେଳାଳି ପଞ୍ଜୀକରଣ ନିମନ୍ତେ ଉଦ୍ଦିଷ୍ଟ ପ୍ରମାଣପତ୍ର ସହିତ ଆବଶ୍ୟକ ପ୍ରମାଣପତ୍ର ଆଣିବା ଜରୁରୀ। ପଞ୍ଜୀକରଣ ପ୍ରକ୍ରିୟା ପରେ ଆଗାମୀ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ସମ୍ପାଦକ ସାଗରନାଥ ମିଶ୍ର ସୂଚନା ଦେଇଛନ୍ତି।

### କାର୍ତ୍ତିକେଶ୍ୱର ପୂଜା ପାଳିତ



**ଖମାର, ୧୦।୧୧ (ଡି.ଏନ.ଏ.):** ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଶଙ୍ଖମୁରରେ କାର୍ତ୍ତିକ ପୂର୍ଣ୍ଣିମା ଓ କାର୍ତ୍ତିକେଶ୍ୱର ପୂଜା ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଚଳିତ ବର୍ଷ କାର୍ତ୍ତିକେଶ୍ୱର ପୂଜା ୯ ବର୍ଷରେ ପହଞ୍ଚିଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଗତ ଶନିବାର କଳସ ଯାତ୍ରା ପରେ ପୂଜା ଆରମ୍ଭ ହୋଇଥିଲା। ସୋମବାର ସାମୂହିକ ପ୍ରସାଦ ସେବନ ହୋଇଥିବାବେଳେ ମଙ୍ଗଳବାର ଗ୍ରହଣ ପାଇଁ ପୂଜାର୍ଚ୍ଚନା ବନ୍ଦ ରହିଥିଲା। ବୁଧବାର ଭସାଣି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। କମିଟି ସଭାପତି କ୍ଷୀରୋଦ ଦାସ, ସମ୍ପାଦକ ଲଗେନ ସାହୁ, ଧରଣୀ ଦେହୁରୀ, ଜୟନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସହରରେ ଏରାଗୁଲା ଗ୍ୟାଙ୍ଗ୍ ସକ୍ରିୟ

**ଅନୁଗୋଳ ଅଫିସ, ୧୦।୧୧**




- ■ସ୍ପଷ୍ଟ ଦିବାଲୋକରେ ଝାମ୍ପି ନେଉଛନ୍ତି ଟଙ୍କା, ସୁନା
- ■ଦୈନିକ ଥାନାରେ ରୁଜୁ ହେଉଛି ଏକାଧିକ ମାମଲା
- ■ଭୟଭୀତ ହୋଇପଡ଼ିଲେଣି ମହିଳା, ବୟସ୍କ ବ୍ୟକ୍ତି

ଅନୁଗୋଳ ଥାନା ଅଞ୍ଚଳରେ ବଢ଼ୁଛି ଲୁଟ୍‌ପାଟ। କିଛିଦିନ ହେଲା ସହରରେ ସକ୍ରିୟ ରହିଛନ୍ତି ଏରାଗୁଲା ଗ୍ୟାଙ୍ଗ। ସ୍ପଷ୍ଟ ଦିବାଲୋକରେ ସେମାନେ ନାନା ବାହାନା ଦେଖାଇ ଲୋକଙ୍କଠାରୁ ଟଙ୍କା, ସୁନା ଆଦି ଲୁଟି ନେଉଛନ୍ତି। ସୁଯୋଗ ପାଇବା ମାତ୍ରେ ବୟସ୍କ ଓ ମହିଳାଙ୍କୁ ଟାର୍ଗେଟ୍ କରୁଛନ୍ତି। ବାରମ୍ବାର ଏପରି ଅପରାଧ ଥାନା ଅଞ୍ଚଳରେ ଘଟୁଥିଲେ ବି ପୋଲିସ କେବଳ ମାମଲା ରୁଜୁ କରିବା ବ୍ୟତୀତ ଏହାକୁ ରୋକିପାରୁ ନ ଥିବା ସହରବାସୀ ଅଭିଯୋଗ କରୁଛନ୍ତି। ପୋଲିସର ଏହି ବିଫଳତା ପାଇଁ ମହିଳା ଓ ବୟସ୍କ ବ୍ୟକ୍ତିମାନେ ବଜାର କି ବ୍ୟାଙ୍କ ଆସିବାକୁ ଭୟ କରୁଥିବା ସହରବାସୀ କହିଛନ୍ତି।

କିଛି ଦିନ ତଳେ ଅନୁଗୋଳ ସହର ହନୁମାନ ବଜାର ନିକଟରୁ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟେରାମାନେ ଝାମ୍ପି ନେଇଥିଲେ। ଅନୁଗୋଳ ଜେଲ ଛକ ଠାରେ ଜଣେ ବ୍ୟକ୍ତିଙ୍କୁ ଭୁଲାଇ ଟଙ୍କା, ସୁନା ମୁଦି ଓ ଚେନ ଥିବା ବ୍ୟାଗ ଧରି ଫେରାର ହୋଇଯାଇଥିଲେ। ଗତ ସୋମବାର କାଞ୍ଚନ ଟକିଜ୍ ନିକଟରେ ଜଣେ ମହିଳାଙ୍କୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରିଥିଲେ। ଆଠମଲ୍ଲିକରୁ ଆସିଥିବା ସମ୍ପୃକ୍ତା ମହିଳାଙ୍କୁ ଭୂତାଇ ଲକ୍ଷାଧିକ ଟଙ୍କାର ସୁନା ଓ ଟଙ୍କା ଲୁଟିବାରେ ସକ୍ଷମ ହୋଇଥିଲେ। ବିଇଡି ଛକରୁ ଆରମ୍ଭ କରି ଉପଜିଲାପାଳଙ୍କ ବାସଭବନ ଓ ମିଶ୍ରପଡ଼ା ଛକ ଆଦି ଅଞ୍ଚଳରେ ଏହି ଲୁଟେରାମାନେ ଅଧିକ ସକ୍ରିୟ ଥିବା ଦେଖିବାକୁ ମିଳୁଛି। ଏପରି କି କଲୋନୀ, ୱାର୍ଡଗୁଡ଼ିକରେ ପ୍ରାତଃଭ୍ରମଣ କରୁଥିବା କିମ୍ବା ଫୁଲ ତୋଳୁଥିବା ମହିଳା, ବୟସ୍କଙ୍କଠାରୁ ସୁନା ଚେନ, କାନଫୁଲ ଆଦି ଝାମ୍ପି ନେଉଛନ୍ତି। ଏଥିସହ ଠିକଣା ପଚାରିବା ବାହାନାରେ ବେକରୁ ଚେନ ଝାମ୍ପି ଚମ୍ପଟ ମାରୁଛନ୍ତି। ସେହିପରି ଏହି ଗ୍ୟାଙ୍ଗରେ ଥିବା କେତେଜଣ ନାବାଳକ ଦାମୀ ମୋଟର ସାଇକେଲଗୁଡ଼ିକୁ ଟାର୍ଗେଟ୍ କରି ଚୋରି କରୁଥିବା ଜଣାପଡ଼ିଛି। ମୋବାଇଲ ଠାରୁ ଆରମ୍ଭ କରି ଘରେ ପଶି କଳାକନା ବୁଲାଇବା ନେଇ ଏକାଧିକ ଘଟଣା ଘଟୁଥିଲେ ମଧ୍ୟ ପୋଲିସ ସହରବାସୀଙ୍କୁ ସୁରକ୍ଷା ଦେଇପାରୁ ନାହିଁ। ଅଳ୍ପକେତୋଟି ମାମଲାରେ ଯଦିଓ ପୋଲିସ ଅପରାଧୀଙ୍କୁ ଧରିପାରିଛି, ହେଲେ ତାହା ସନ୍ତୋଷଜନକ ନୁହେଁ ବୋଲି ସହରବାସୀ ମତ ଦେଇଛନ୍ତି। ତେବେ ଅଭିଯୋଗ ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଏରାଗୁଲା ଗ୍ୟାଙ୍ଗ ଏପରି ଲୁଟ୍‌ପାଟରେ ସାମିଲ ଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରୁ ଲୁଟ୍ ଉଦ୍ୟମ

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଗୁରୁବାର ଲୁଟ୍ ଉଦ୍ୟମ ହୋଇଛି। ଏକ ଶିଳ୍ପ ସଂସ୍ଥାରେ କାମ କରୁଥିବା କର୍ମଚାରୀ ପଙ୍କଜ ଦତ୍ତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖାକୁ ଟଙ୍କା ଜମା କରିବାକୁ ଆସିଥିଲେ। ସେଠାରେ ଅଳ୍ପ କିଛି ଟଙ୍କା ଜମା କରିବା ପରେ ବାକି ଟଙ୍କା ଥିବା ବ୍ୟାଗ ଧରି ବସ୍‌ଷ୍ଟାଣ୍ଡକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ପଛରୁ ହଠାତ ୪ ଜଣ ଦୁର୍ବୃତ୍ତ ଦୁଇଟି ମୋଟରସାଇକେଲରେ ଆସି ଟଙ୍କା ବ୍ୟାଗ ଛଡାଇନେବାକୁ ଚେଷ୍ଟା କରିଥିଲେ। ହେଲେ ପଙ୍କଜ ବ୍ୟାଗ୍ ଭିଡ଼ି ଧରିବାରୁ ଦୁର୍ବୃତ୍ତମାନେ ଟଙ୍କା ଲୁଟିବାରେ ବିଫଳ ହୋଇଥିଲେ। ତେବେ ରାସ୍ତାରେ ଘୋଷାଡ଼ି ହୋଇଯିବାରୁ ପଙ୍କଜ ଆହତ ହୋଇଛନ୍ତି। ଅନୁଗୋଳ ଥାନାର ଜଣେ ଅଧିକାରୀ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ତାଙ୍କୁ କାବୁ କରିବାରେ ବିଫଳ ହୋଇଛନ୍ତି।

### ପୋଲିସର ଅପାରଗତା ଦାୟୀ



ପୋଲିସର ଢିଲା ପଣିଆ ଯୋଗୁ ଅନୁଗୋଳ ସହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ସହରର ବରିଷ୍ଠ ନାଗରିକ ଓ ମହିଳାମାନେ ଆଶଙ୍କା ମଧ୍ୟରେ ଯାତାୟାତ କରୁଥିଲେ ମଧ୍ୟ ପୋଲିସ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେଉନାହିଁ।

-ଭବାନୀ ପ୍ରଧାନ, ଆଇନଜୀବୀ, ଅନୁଗୋଳ

### ଗୋଇନ୍ଦା ବିଭାଗ ଫେଲ୍



ଅନୁଗୋଳ ପୋଲିସର ଗୋଇନ୍ଦା ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଥିବା ଭଳି ଜଣାପଡୁଛି। ନ ହେଲେ ଏରାଗୁଲା ଗ୍ୟାଙ୍ଗ ବାରମ୍ବାର ଅପରାଧ ଘଟାଇ ଫେରାର ମାରିବାରେ ସକ୍ଷମ ହୋଇପାରନ୍ତେ ନାହିଁ। ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

-ଭୂପେଶ ଚନ୍ଦ୍ର ପ୍ରଧାନ, ବୁଦ୍ଧିଜୀବୀ, ଅନୁଗୋଳ

### ଆଇନଶୃଙ୍ଖଳା ବିଗିଡ଼ି ଗଲାଣି



ଅନୁଗୋଳ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ଦୈନିକ ଏକାଧିକ ଅଭିଯୋଗ ନେଇ ଲୋକେ ଥାନାକୁ ଯାଉଥିଲେ ମଧ ଅପରାଧୀଙ୍କୁ କିପରି ଶୀଘ୍ର ଗିରଫ କରାଯିବ ସେ ଦିଗରେ ପୋଲିସର ତତ୍ପରତା ଦେଖିବାକୁ ମିଳୁନାହିଁ।

-ଶୁଚିସ୍ମିତା ଦାସ, ଅନୁଗୋଳ

### ଝାମ୍ପିନେଲେ ୨ ଭରିର ଚେନ୍

ଅନୁଗୋଳ ଲକ୍ଷ୍ମୀ ବଜାର ବାସିନ୍ଦା ସୁନିତା ତୁଳସିୟାନଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ଗୁରୁବାର ହୀରା ଲକେଟ୍ ଥିବା ଦୁଇ ଭରି ଓଜନର ସୁନା ଚେନ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ସୁନିତା ଘର ସାମନାରେ ଥିବା ଏକ ଟେଲର ଦୋକାନକୁ ଯାଇ ଫେରୁଥିବା ବେଳେ ବଜାର ଛକ ପଟୁ ନମ୍ବର ନ ଥିବା ଏକ ବାଇକରେ ଦୁଇ ଦୁର୍ବୃତ୍ତ ଆସି ଚେନ ଝାମ୍ପି ନେଇ ବଜାର ଆଡକୁ ଦ୍ରୁତଗତିରେ ପଳାଇ ଯାଇଥିଲେ।

## ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଖମାର, ୧୦।୧୧ (ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଥାନା ଶଙ୍ଖମୁରଠାରେ ଥିବା ଲକ୍ଷ୍ମୀନାରାୟଣ ସରକାରୀ ହାଇସ୍କୁଲରେ ଗୁରୁବାର ଅଭିଭାବକମାନେ ତାଲା ପକାଇ ଦେଇଛନ୍ତି। ଦୀର୍ଘବର୍ଷ ଧରି ଏଠାରେ ପରୀକ୍ଷା କେନ୍ଦ୍ର ହୋଇଆସୁଥିବା ବେଳେ ଚଳିତବର୍ଷ ଏଠାରେ ପରୀକ୍ଷା କରା ନ ଯାଇ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାପୀଠକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ବିରୋଧ କରି ୨ ଦିନ ହେଲା ବିକ୍ଷୋଭ କରାଯିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରା ନ ଯିବାରୁ ଅଭିଭାବକମାନେ ଏହି ପଦକ୍ଷେପ ନେଇଛନ୍ତି। ସ୍କୁଲରେ ତାଲା ପକାଇ ଅଭିଭାବକ ଓ ଗ୍ରାମବାସୀ ରାସ୍ତା ଅବରୋଧ କରିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଖରାରେ ଠିଆ ହୋଇ ରହିବାକୁ ବାଧ ହୋଇଥିଲେ। ସ୍କୁଲ ସମ୍ମୁଖ ରାସ୍ତାରେ ଗାଡ଼ି ଚଳାଚଳ ମଧ ବାଧାପ୍ରାପ୍ତ ହୋଇଥିଲା। ତେବେ ପରୀକ୍ଷା କେନ୍ଦ୍ର ସ୍ଥାନାନ୍ତର ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ପାଖରେ କିଛି ତଥ୍ୟ ନ ଥିବା ସେ ପ୍ରକାଶ କରିଛନ୍ତି।



ଅଭିଭାବକମାନେ ସ୍କୁଲରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

## ୧ ଲକ୍ଷ ୮୮ ହଜାର ଟଙ୍କା ଜରିମାନା ଆଦାୟ

**ଆଠମଲ୍ଲିକ, ୧୦।୧୧ (ଡି.ଏନ.ଏ.)**

ଆଠମଲ୍ଲିକ ପ୍ରଶାସନ ବୁଧବାର ରାତିରେ ୪ଟି ଟ୍ରକ ଜବତ କରାଯିବା ସହ ୧ ଲକ୍ଷ ୮୮ ହଜାର ଟଙ୍କା ଜରିମାନା ଆଦାୟ କରିଛି। ପ୍ରକାଶ ଯେ, ବୀରମହାରାଜପୁର ଅଞ୍ଚଳର ଜନୈକ ଠିକାଦାରଙ୍କ ମାଲିକାନାରେ ଥିବା ଟ୍ରକ୍ ଗୁଡ଼ିକରେ ବେଆଇନ ବାଲି ଚାଲାଣ ହେଉଥିବା ପ୍ରଶାସନକୁ ଖବର ମିଳିଥିଲା। ଏହି ସୂଚନା ମିଳିବା ପରେ ଉପଜିଲାପାଳ ତରଣୀ ସୁନା ବୁଧବାର ରାତିରେ ତହସିଲଦାର ଯଶୋବନ୍ତ ଦେହୁରୀ ଓ ସହକାରୀ ଜିଲାପାଳ କୁଳମଣି ଦଳେଇଙ୍କୁ ସାଙ୍ଗରେ ନେଇ ୬୨ ନମ୍ବର ରାଜ୍ୟ ରାଜପଥର ଖଡରାପଡ଼ା ନିକଟରେ ଜଗି ରହିଥିଲେ। ଉକ୍ତ ୪ଟି ଟ୍ରକ୍ ବାଲି ବୋଝେଇ କରି ଆସୁଥିବାବେଳେ ସେଗୁଡ଼ିକୁ ଅଟକାଇ ବାଲି ରୟାଲଟି କାଗଜ ମାଗିଥିଲେ। କିନ୍ତୁ ଗାଡ଼ି ଚାଳକମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ । ଫଳରେ ପ୍ରତି ଟ୍ରକ୍‌ରୁ ୪୭ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଥିଲା।

## ଅନୁଦାନ ପାଇଁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ତାଳଚେର, ୧୦।୧୧ (ନି.ପ୍ର.)**




ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିଥିବା ଦେଖି ତାଳଚେର ଜନ ବିକାଶ କଲ୍ୟାଣ ସଂଘ ପକ୍ଷରୁ ଅନୁଦାନ ପାଇଁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଭୂପେନ ଥମ୍ବଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ସରକାର ରାଜ୍ୟର ବିଭିନ୍ନ ଦେବଦେବୀ ମନ୍ଦିରର ଉନ୍ନତି, ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି। କଟକର ମା' ଚଣ୍ଡିଙ୍କ ମନ୍ଦିର ପାଇଁ ୭୦ କୋଟି, ଜଗତସିଂହପୁରର ମା' ଶାରଳାଙ୍କ ମନ୍ଦିର ପାଇଁ ୪୨ କୋଟି, ନୟାଗଡର ନୀଳମାଧବଙ୍କ ପାଇଁ ୧୦୦ କୋଟି, ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର ପାଇଁ ୨୦୦ କୋଟି, କେନ୍ଦ୍ରାପଡାର ବଳଦେବ ଜୀଉ ମନ୍ଦିର ପାଇଁ ୮ କୋଟି, ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପାଇଁ ୬ କୋଟି, ଘଟଗାଁର ମା ତାରିଣୀଙ୍କ ମନ୍ଦିର ପାଇଁ ୪୦ କୋଟି, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ୬୦୦ କୋଟିର ଅନୁଦାନ ଘୋଷଣା କରିଛନ୍ତି। ହେଲେ ମା' ହିଙ୍ଗୁଳାଙ୍କ ମନ୍ଦିର ନିର୍ମାଣ ପାଇଁ ସରକାର କୌଣସି ଅନୁଦାନ ଘୋଷଣା କରିନାହାନ୍ତି। ଏହା ଅନୁଗୋଳ ଜିଲା ପ୍ରତି ଅନ୍ୟାୟ। ସରକାର ଏଠାରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ନେଉଥିଲେ ହେଁ ମା' ହିଙ୍ଗୁଳାଙ୍କ ମନ୍ଦିର ନିର୍ମାଣ ନିମନ୍ତେ କୌଣସି ଅନୁଦାନ ଘୋଷଣା କରା ନ ଯିବା ଆଶ୍ଚର୍ଯ୍ୟଜନକ। ଏହି ମନ୍ଦିରର ଉନ୍ନତୀକରଣ ପାଇଁ ୧୨୮ କୋଟି ଖର୍ଚ୍ଚ ଅଟକଳ କରାଯାଇଛି। ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ଇଣ୍ଡିଆନ ଅଏଲ୍ କର୍ପୋରେଶନ୍ ଲିମିଟେଡ୍, ଏମ୍‌ସିଏଲ୍‌ର ସ୍ଥାୟୀ କର୍ମଚାରୀ, ଅସ୍ଥାୟୀ ଠିକା କର୍ମଚାରୀ ନିଜ ନିଜ ଯୋଗ୍ୟତା ଅନୁଯାୟୀ ଅର୍ଥ ଦାନ କରୁଛନ୍ତି। ହେଲେ ଆବଶ୍ୟକ ଅର୍ଥ ଅଭାବରୁ ସୌନ୍ଦର୍ଯ୍ୟକରଣ କାମ ଅଧାରେ ଅଟକି ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ସରୋଜ ଧର, ଦ୍ରୁମଦ ପ୍ରଧାନ, ଜିତେନ୍ଦ୍ର ମହାପାତ୍ର, ଅଭୟ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ପାଠାଗାର ନିର୍ମାଣ ପାଇଁ ନିଷ୍ପତ୍ତି

**ଆଠମଲ୍ଲିକ, ୧୦।୧୧ (ଡି.ଏନ.ଏ.)**



ବୈଠକରେ ଲୋକ ପ୍ରତିନିଧିଙ୍କ ସହ ଅଧିକାରୀମାନେ।

ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର ସଭଗୃହରେ ଅଧକ୍ଷା ଆଶା କୁମାରୀ ସାହୁଙ୍କ ଅଧକ୍ଷତାରେ ଗୁରୁବାର ୪ର୍ଥ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବର୍ତ୍ତମାନ ପର୍ଯ୍ୟନ୍ତ ଆୟ - ବ୍ୟୟର ହିସାବ, ବିଭିନ୍ନ ୱାର୍ଡରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସହର ମଧ୍ୟରେ ହାରାହାରି ୧୫ ଲକ୍ଷ ଟଙ୍କା ବିନିମୟରେ ଏକ ପାଠାଗାର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଧାୟକଙ୍କ ପ୍ରତିନିଧି ଭାବେ ନିରଞ୍ଜନ ରଣା ବୈଠକରେ ଯୋଗଦେଇ ବିଧାୟକଙ୍କ ପାଣ୍ଠିରୁ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଇଥିବା ଅର୍ଥର ସଦୁପୋଯୋଗ କରା ନ ଯାଇ କାହିଁକି ପକାଇ ରଖାଯାଇଛି ବୋଲି ଅଧକ୍ଷାଙ୍କୁ ପ୍ରଶ୍ନ କରିଥିଲେ। କାଗଜପତ୍ର କାମ ସରିଲେ ନିୟମ ଅନୁଯାୟୀ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ଅଧକ୍ଷା ସାହୁ ଉତ୍ତର ଦେଇଥିଲେ। ବୈଠକରେ ଉପନଗରପାଳ ଗଦାଧର ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଓ ନିର୍ବାଚିତ କାଉନସିଲର, କନିଷ୍ଠ ଯନ୍ତ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ସମେତ ପୌର କର୍ମଚାରୀ ଯୋଗ ଦେଇଥିଲେ।

## ଆମ୍ବୁଲାନ୍ସ ଦୁର୍ଘଟଣା, ଚାଳକ ମୃତ

**ଖମାର, ୧୦।୧୧ (ଡି.ଏନ.ଏ.)**

ଭୁବନେଶ୍ୱରରୁ ରୋଗୀ ନେଇ ରାଉରକେଲା ଯାଉଥିବା ଏକ ଆମ୍ବୁଲାନ୍ସ ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା କଲଣ୍ଡା ବରକଳାପାଳ ବାଇପାସ ଛକଠାରେ ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି ଡିଭାଇଡରରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ଚାଳକ ଭୁବନେଶ୍ୱର ଭରତପୁରର ରାଜକିଶୋର ସାହୁଙ୍କ ମୃତ୍ୟୁ ହୋଇଛି। ତେବେ ଗାଡ଼ିରେ ଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ରକ୍ଷା ପାଇଯାଇଥିବାରୁ ସେମାନଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ରାଉରକେଲା ପଠାଇ ଦିଆଯାଇଛି। ଖମାର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ସହ ଚାଳକଙ୍କ ମୃତଦେହ ଜବତ କରିଛି। ପରିବାର ଲୋକେ ଆସିଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ସୂଚନା ଦେଇଛି।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ସଭାପତି

**ଅନୁଗୋଳ ଅଫିସ, ୧୦।୧୧**

ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ. (ଆର୍‌ସିଏମ୍‌ଏସ୍) ଅନୁଗୋଳର ସଭାପତି ଭାବେ ୧୪ନଂ ଜୋନ୍‌ର ନିର୍ଦ୍ଦେଶକ ନାରାୟଣ ତ୍ରିପାଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମୋଟ୍ ୧୫ ନିର୍ଦ୍ଦେଶକଙ୍କ ମଧ୍ୟରୁ ୧୨ଜଣ ନାରାୟଣଙ୍କ ସମର୍ଥକ ଥିଲେ। ଏଥିସହ ସଭାପତି ପଦ ନାମାଙ୍କନ ପ୍ରକ୍ରିୟାରେ ଅନ୍ୟକେହି ସାମିଲ ହୋଇ ନ ଥିଲେ। ଫଳରେ ତ୍ରିପାଠୀ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ଉପସ୍ଥିତିରେ ତ୍ରିପାଠୀ ନିଜ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ବଣ୍ଠପାଳ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ନିର୍ମଳ ଅଗ୍ରୱାଲ, ଆର୍‌ସିଏମ୍‌ଏସ୍ ପରିଚାଳନା ପରିଷଦର ନବ ନିର୍ବାଚିତ ସଦସ୍ୟଗଣ ଓ ଆରସିଏମ୍‌ଏସ୍‌ର ସମ୍ପାଦକ ଯୁଗଳ କିଶୋର ସାହୁ ଉପସ୍ଥିତ ଥିଲେ।



ବିଜୟୀ ହେବା ପରେ ନୂଆ ସଭାପତି ଦାୟିତ୍ୱ ଗ୍ରହଣ କରୁଛନ୍ତି।

## ବଇଣ୍ଡାରେ କାର୍ତ୍ତିକେଶ୍ୱରଙ୍କୁ ବିଦାୟ

**ବଇଣ୍ଡା,୧୦।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡାଠାରେ ଚାଲିଥିବା କାର୍ତ୍ତିକେଶ୍ୱର ପୂଜା ଭସାଣି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାରଠାରୁ ପୂଜା ଆରମ୍ଭ ହୋଇଥିବାବେଳେ ଦୀର୍ଘ ୫ ଦିନ ପୂଜା ହେବା ପରେ ପ୍ରଭୁଙ୍କୁ ବିଦାୟ ଦିଆଯାଇଛି। ପୂଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଏକ ଟ୍ରାକ୍ଟର ଯୋଗେ ପ୍ରଭୁ କାର୍ତ୍ତିକେଶରଙ୍କୁ ସୁସଜ୍ଜିତ ମେଢ଼ରେ ବସାଇ ନଗର ପରିକ୍ରମା କରିବା ପରେ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କରିଥିଲେ। ଦୁଲଦୁଲି ବାଜା ସାଙ୍ଗକୁ ଡିଜେ ସାଉଣ୍ଡରେ ବଜାର କମ୍ପି ଉଠିଥିଲା। କମିଟି ପକ୍ଷରୁ ଜିତେନ୍ଦ୍ର ବେହେରା, ଜଳଧର ସାହୁ, ଗିରିଶ ଚନ୍ଦ୍ର ବେହେରା, ସଞ୍ଜୟ ସାହୁ, ଅରବିନ୍ଦ ସାହୁ, ପରିକ୍ଷିତ ସାହୁ, ରାଜା ଶର୍ମା, ସମୀର ପ୍ରଧାନ, ବିନୀତ ସାହା, ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ୮ ଯାଏ ଚାଲିବ ଭୋଟର ତାଲିକା ସଂଶୋଧନ

**ଅନୁଗୋଳ ଅଫିସ, ୧୦।୧୧**

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଜିଲା ପ୍ରଶାସନ ତରଫରୁ ଚିଠା ଭୋଟର ତାଲିକା ପ୍ରକାଶ କରାଯିବା ସହ ୯ ତାରିଖଠାରୁ ଜିଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା, ସମସ୍ତ ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା, ଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା, ଦୋହରା ଭୋଟରଙ୍କୁ ବାଦ୍ ଦେବା, ଗୋଟିଏ କାର୍ଡରେ ୨ ଜଣ ଭୋଟର ଥିଲେ ଜଣଙ୍କୁ ବାଦ୍ ଦେବା, ଫଟୋ ସଂଶୋଧନ କରିବା, ଭୋଟର ତାଲିକାରେ ଫଟୋ ନ ଥିଲେ ସଂଗ୍ରହ କରି ଲଗାଇବା ଓ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦିଆଯିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲାପାଳ ସମସ୍ତଙ୍କୁ ଅବଗତ କରାଇଥିଲେ। ଜନସାଧାରଣଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। ଏହାର ସୁଯୋଗ ନେବା ପାଇଁ ଜିଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲାପାଳ ବଇଦୁରା ଦୀପ୍, ଡେପୁଟି କଲେକ୍ଟର ମନିଷା ଗୁପ୍ତା, ରାଜନୈତିକ ଦଳର ପ୍ରତିନିଧିଙ୍କ ସମେତ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ସମସ୍ତ ଅଞ୍ଚଳ ବୁଲି ସଚେତନତା ସୃଷ୍ଟି କରିବ।




ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ସଂକ୍ଷେପରେ

### ସଂରକ୍ଷିତ ଜଙ୍ଗଲରୁ ଶାଳକାଠ ଚାଲାଣ



କାମାକ୍ଷାନଗର, ୧୦।୧୧(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧୀନ କଙ୍କଡାହାଡ଼ ବ୍ଲକ ବାମ୍ ପଞ୍ଚାୟତ ପାକଟମୁଣ୍ଡା ଗ୍ରାମ ସଂରକ୍ଷିତ ଜଙ୍ଗଲରୁ ଶାଳକାଠ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ସ୍ପଷ୍ଟ ଦିବାଲୋକରେ ଟ୍ରକ୍‌ରେ କାଠ ଚାଲାଣ କରାଯାଉଥିବାବେଳେ ଏଥିପ୍ରତି ବନ ବିଭାଗ ଆଖି ବୁଜି ଦେଇଛି। ଅନ୍ୟପଟେ ଜଙ୍ଗଲ ସମ୍ପଦର ଅବକ୍ଷୟ ବନ୍ୟଜୀବନକୁ ପ୍ରଭାବିତ କରୁଥିବାବେଳେ ହିଂସ୍ରପ୍ରାଣୀ ଜନବସତିମୁହାଁ ହେଉଛନ୍ତି, ଯାହା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। ଏ ସଂକ୍ରାନ୍ତରେ ରେଞ୍ଜ୍ ଅଧିକାରୀ ବନବିହାରୀ ସର୍ଦ୍ଦାର କୁହନ୍ତି, ଜଣେ ବ୍ୟକ୍ତି ନିଜ ରେକର୍ଡ ଜମିରୁ ଅନୁମତି ନେଇ କାଠ କାଟୁଛନ୍ତି। ଅନ୍ୟ କୌଣସି ଜାଗାରୁ ଗଛ କଟାଯାଉଥିଲେ ତଦନ୍ତ କରାଯିବ ବୋଲି କହିବା ସହ ପ୍ରସଙ୍ଗକୁ ହାଲୁକା ଭାବରେ ନେଇଛନ୍ତି। ଏ ଦିଗରେ ଜିଲା ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ୯.୪୫ ଲକ୍ଷ ଠକେଇ

ଢେଙ୍କାନାଳ ଅଫିସ,୧୦।୧୧: ଟ୍ରକ୍ କିଣାଇ ଦେବାକୁ ପ୍ରଲୋଭିତ କରି ଢେଙ୍କାନାଳ ଦେଉଳସାହି ଅଞ୍ଚଳର ଜଣେ ମହିଳାଙ୍କଠାରୁ ଜଣେ ବ୍ୟକ୍ତି ୯.୪୫ ଲକ୍ଷ ଟଙ୍କା ଠକି ନେଇଥିବା ଗୁରୁବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଗଞ୍ଜାମ ଜିଲା ମକରଝୋଲ ଗ୍ରାମର ସଂଗ୍ରାମ ପାତ୍ର (୩୦)ଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ସଂଗ୍ରାମ ନିଜକୁ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇ ଅବସରପ୍ରାପ୍ତ କର୍ମଚାରୀ କ୍ଷମାନିଧି ସାହୁଙ୍କ ସ୍ତ୍ରୀଙ୍କୁ ପ୍ରଲୋଭିତ କରିଥିଲେ। ଟ୍ରକ୍ କିଣାଇ ଦେବାକୁ କହି ୨ ମାସ ମଧ୍ୟରେ ୯ ଲକ୍ଷ ୪୫ ହଜାର ଟଙ୍କା ଠକି ନେଇଥିଲେ। ଏହା ପରେ ସଂଗ୍ରାମଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଗୁରୁବାର ସକାଳେ ଦେଉଳସାହି ଅଞ୍ଚଳରେ ସଂଗ୍ରାମ ବୁଲୁଥିବାର ଦେଖି ଅଭିଯୋଗକାରୀ ମହିଳା ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ସଂଗ୍ରାମଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୬୧୪/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ଟ୍ରକ୍ ଧକ୍କାରେ ଯନ୍ତ୍ରୀଙ୍କ ମୃତ୍ୟୁ



ଢେଙ୍କାନାଳ ଅଫିସ, ୧୦।୧୧: ଢେଙ୍କାନାଳ ସହରସ୍ଥିତ କଣ୍ଟାନାଳୀ ବାଇପାସ୍ ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୧୫ରେ ଏକ ୧୨ ଚକିଆ ଟ୍ରକ୍ (ନଂ. ଓଡ଼ି ୩୫ ବି ୫୮୬୬) ଧକ୍କାରେ ଜଣେ ସହକାରୀ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀସ୍ଥିତ ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଶଶିକାନ୍ତ ପଣ୍ଡା (୫୮)। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଶଶିକାନ୍ତ କାମସାରି ବୁଲେଟ୍ (ନଂ. ଓଡ଼ି ୦୬ କେ ୪୪୩)ରେ ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରେ ରହୁଥିବା ତାଙ୍କର ଭଡ଼ାଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଉକ୍ତ ଟ୍ରକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ୍ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସଦଳବଳ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛନ୍ତି। ଚାଳକଙ୍କୁ ଅଟକ ରଖାଯାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ନଂ. ୬୧୩/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଆତଙ୍କ ରୋକିପାରୁନି 'ଐରାବତ'

■ଧାନ ଅମଳ ବେଳେ ମାତିଛନ୍ତି ହାତୀ, ବାର୍‌ହା
■୩୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ
■ଫସର ଫାଟୁଛି ଯୋଜନା, ବାଟ ପାଉନାହିଁ ବନ ବିଭାଗ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୦।୧୧




ଚିନ୍ତା ବଢ଼ାଇଥିଲେ ହାତୀପଲ। ଏବେ ସେଥିରେ ସାମିଲ ହୋଇଛନ୍ତି ବାର୍‌ହା। ରାତିଅଧିଆ ଦଳବଦ୍ଧ ହୋଇ ସେମାନେ ଖାଇଯାଉଛନ୍ତି ଏକର ଏକର ଜମିର ଫସଲ। ଯେତିକି ଖାଉନାହାନ୍ତି, ତା'ଠାରୁ ଯଥେଷ୍ଟ ଅଧିକ ଦଳିଚକଟି ନଷ୍ଟ କରି ପକାଉଛନ୍ତି। ପାଚିଲା ଧାନ ଘରକୁ ଆଣିବା ସମୟରେ ଜଙ୍ଗଲୀ ଜନ୍ତୁଙ୍କ ଏପରି ଉପଦ୍ରବ ଚାଷୀଙ୍କ ଆଖିରେ ଭରିଦେଇଛି ଲୁହ। ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଆତଙ୍କ ରୋକିବା ଲାଗି ନିୟୋଜିତ ଏକମାତ୍ର ଅତ୍ୟାଧୁନିକ ଯାନ 'ଐରାବତ' ଯଥେଷ୍ଟ ହେଉ ନ ଥିବାବେଳେ ହାଡ଼ଭଙ୍ଗା ପରିଶ୍ରମର ମୂଲ୍ୟ ମିଳିବ କି ନାହିଁ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲାର ଚାଷୀ।

ଶିଳ୍ପକୁ ନେଇ ସମୃଦ୍ଧ ହୋଇଥିଲେ ମଧ୍ୟ ଢେଙ୍କାନାଳ ଜିଲାବାସୀଙ୍କ ପ୍ରମୁଖ ଜୀବିକା କୃଷି। ଜିଲାରେ ମୋଟ ୧ ଲକ୍ଷ ୮୫ ହଜାର ୨୫୦ ହେକ୍ଟର ଚାଷ ଜମି ମଧ୍ୟରୁ ଚଳିତ ଖରିଫ୍ ଋତୁରେ ୧ ଲକ୍ଷ ୭୮ ହଜାର ୮୬୧ ହେକ୍ଟର ଜମିରେ ଚାଷ ହୋଇଥିଲା। କେବଳ ୯୩ ହଜାର ୬୦ ହେକ୍ଟର ଜମିରେ ଧାନ ଫସଲ କରାଯାଇଛି। ଏବେ ଧାନ ପାଚି ଆସୁଥିବାବେଳେ ବିଲରେ ମାତିଛନ୍ତି ହାତୀ ଓ ବାର୍‌ହା। ୨୦୨୧-୨୨ରେ ଏମାନେ ୧୩,୬୫୪.୧୦ ଏକର ଜମିରେ ଫସଲ ନଷ୍ଟ କରିଥିବାବେଳେ ଚଳିତବର୍ଷ ଏପ୍ରିଲ୍‌ରୁ ଅଗଷ୍ଟ ମଧ୍ୟରେ ୩୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ବ୍ୟାପକ କ୍ଷୟକ୍ଷତି କରିସାରିଲେଣି। ସେପ୍ଟେମ୍ବରରୁ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା କ୍ଷୟକ୍ଷତି ଆକଳନ କଲେ ଏହାର ପରିମାଣ ଦୁଇଗୁଣା ହୋଇଯିବ ବୋଲି ଅନୁମାନ କରାଯାଉଛି। ହାତୀଙ୍କ ପାଇଁ ହାତୀ ସ୍କ୍ୱାଡ୍ କର୍ମଚାରୀ, 'ଐରାବତ' ଯାନ, ମହୁବାକ୍ସ, ସୋଲାର ଫ୍ୟାନ୍ସିଂ ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ କୌଣସି ଯୋଜନା ଫଳପ୍ରସୂ ହୋଇପାରୁନାହିଁ। ଏବେ ହାତୀଙ୍କଠାରୁ ବଳିଗଲାଣି ବାର୍‌ହା ଆତଙ୍କ। ହାତୀ ଘଉଡ଼ାଇବା ପାଇଁ ସବୁ ଯୋଜନା ଫସର ଫାଟୁଥିବାବେଳେ ବାର୍‌ହା ମୁହଁରୁ କିପରି ଫସଲକୁ ସୁରକ୍ଷିତ ରଖାଯିବ, ସେ ନେଇ ବାଟ ପାଉନାହିଁ ବନ ବିଭାଗ।

ସବୁଠାରୁ ବଡ଼କଥା ହେଲା, ହାତୀପଲ ଦାଉରୁ ଫସଲ ସୁରକ୍ଷା ପାଇଁ ଦୁଇବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ବନ ବିଭାଗକୁ ପ୍ରଦାନ କରାଯାଇଥିଲା ଅତ୍ୟାଧୁନିକ ହାତୀ ଘଉଡ଼ାଇବା ଯାନ 'ଐରାବତ'। ଏହାକୁ ଜିଲାର ସର୍ବାଧିକ ହାତୀ ଉପଦ୍ରୁତ ମହାବିରୋଡ ରେଞ୍ଜ୍‌ରେ ମୁତୟନ କରାଯାଇଥିଲା। 'ଐରାବତ' ଯାନରେ ତୀବ୍ର ଶବ୍ଦ ସୃଷ୍ଟିକାରୀ ସାଇରନ୍, ଲାଲ୍‌ବତୀ ହାତୀଙ୍କୁ କ୍ଷେତରୁ ଦୂରେଇ ରଖିବ ବୋଲି କୁହାଯାଉଥିଲା। ସେହିପରି ଆଧୁନିକ ଉପକରଣ ସହ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ସଦସ୍ୟ ଏଥିରେ ରହି ହାତୀଙ୍କ ଉପରେ ନଜର ରଖୁଛନ୍ତି। ଆରମ୍ଭରୁ କିଛିଦିନ 'ଐରାବତ' ହାତୀଙ୍କ ମଧ୍ୟରେ ଭୟ ସଞ୍ଚାର କରିଥିଲା। ତେବେ ବିଶାଳ ଢେଙ୍କାନାଳ ବନଖଣ୍ଡରେ ମାତ୍ର ଗୋଟିଏ 'ଐରାବତ' ଯାନ ନିଅଣ୍ଟ ହେଉଛି। ଏକାସଙ୍ଗରେ ବିଭିନ୍ନ ରେଞ୍ଜ୍‌ରେ ହାତୀ ଉପଦ୍ରବ ଆରମ୍ଭ ହେଲେ ଏହା ଉପଯୋଗୀ ସାବ୍ୟସ୍ତ ହୋଇପାରୁନାହିଁ। ତେଣୁ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଅଧିକ ବନ କର୍ମଚାରୀ, ହାତୀ ସ୍କ୍ୱାଡ୍ କର୍ମଚାରୀ ନିୟୋଜିତ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ



ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ହେଲେ ଚାଷୀଙ୍କୁ ସରକାରୀସ୍ତରରେ କ୍ଷତିପୂରଣ ଯୋଗାଇ ଦିଆଯାଉଛି। ହେଲେ ପରିଶ୍ରମ ତୁଳନାରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ହାତୀ ଆକ୍ରମଣରେ ଜୀବନ ଗଲେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯାଉଛି। ହେଲେ ବାର୍‌ହା ଆକ୍ରମଣରେ ଜୀବନ ହାନି ହେଲେ ସେଭଳି କୌଣସି ଆର୍ଥିକ ସହାୟତା ବ୍ୟବସ୍ଥା ନାହିଁ। ଏକର ପିଛା ଫସଲ କ୍ଷତି ପାଇଁ ୧୦ ହଜାର ଟଙ୍କା ମିଳୁ ଥିବାବେଳେ ଆମ୍ବ, ପରିବା ଚାଷ କ୍ଷେତ୍ରରେ ଏହାର ପରିମାଣ ୧୨ ହଜାର। ଗତବର୍ଷ ଘରଭଙ୍ଗା ଏବଂ ଚାଷୀଙ୍କ ଫସଲ କ୍ଷତିପୂରଣ ବାବଦକୁ ବନ ବିଭାଗ ପକ୍ଷରୁ ୩୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କ୍ଷତିପୂରଣ ଲାଗି ଚାଷୀଙ୍କୁ ୭ଦିନ ମଧ୍ୟରେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡ଼େ। ଅନ୍‌ଲାଇନ ଆବେଦନ ସୁବିଧା ନ ଥିବା ସ୍ଥାନରେ ବନ କର୍ମଚାରୀମାନେ କ୍ଷୟକ୍ଷତି ଆକଳନ କରି ବିଭାଗକୁ ପଠାଇଥାଆନ୍ତି।

### ଚାଷୀ ଆତଙ୍କିତ ଅବସ୍ଥାରେ ଅଛନ୍ତି



ହାତୀ, ବାର୍‌ହା ଉପଦ୍ରବ ବଢ଼ୁଥିବାରୁ ଚାଷୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗଜବନ୍ଧୁମାନେ ହାତୀପଲ ଗତିବିଧି ସମ୍ପର୍କରେ ବନ ବିଭାଗକୁ ଠିକ୍ ସୂଚନା ଦେବା ସହ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଉଚିତ୍।

-ବଳଭଦ୍ର ସାମଲ, ବେଲଟିକିରି ସରପଞ୍ଚ

### ୫ମାସ ହେଲା ଭାଡ଼ିରେ ଫସଲ ଜଗୁଛୁ



ଧାନ ବେଉଷଣ ପରଠାରୁ ହାତୀ, ବାର୍‌ହାଙ୍କ ଉପଦ୍ରବ ଲାଗି ରହିଛି। ସେମାନେ ପାଚିଲା ଫସଲ ଖାଇଯାଉଛନ୍ତି। ଦୀର୍ଘ ୫ ମାସ ହେଲା ରାତିରେ ଟର୍ଚ୍ଚ ଲାଇଟ୍ ଧରି ଜମି ନିକଟରେ ଭାଡ଼ି କରି ଫସଲ ଜଗୁଛୁ।

-ଗୋପାଳ ଷେଣ୍ଟ, ଚାଷୀ, ବେଲଟିକିରି

### ଜମିରେ ଆଉ ଫସଲ ନାହିଁ



ବାର୍‌ହା, ହାତୀ ପଲ ଗତ ଅକ୍ଟୋବର ୨୪ରେ ୮୮ ଡେସିମିଲ ଏବଂ ମାସେ ତଳେ ୧.୭ ଏକର ଜମିରେ ଫସଲ ଉଜାଡ଼ିଦେଇଛନ୍ତି। ଜମିରେ ଆଉ ଫସଲ ନାହିଁ। କ୍ଷତିପୂରଣ ପାଇଁ ଆବେଦନ କରାଯାଇଛି।

-ସନ୍ତୋଷ କୁମାର ସ୍ୱାଇଁ, ଚାଷୀ, ଗୋବିନ୍ଦପୁର

### ବନ ବିଭାଗର ଚିନ୍ତା ବଢ଼ିଯାଇଛି



ଫସଲ ଅମଳ ସମୟ ଆସିଥିବାରୁ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ଫସଲ ସୁରକ୍ଷା ପାଇଁ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଛଡ଼ା ଅନ୍ୟ ବ୍ୟବସ୍ଥା ନାହିଁ। ଅଧିକ ହାତୀ ଉପଦ୍ରୁତ ଅଞ୍ଚଳରେ 'ଐରାବତ'କୁ ନିୟୋଜିତ କରାଯାଉଛି।

-ଡ. ପ୍ରକାଶଚାନ୍ଦ ଗୋଗିନେନି, ଡିଏଫ୍‌ଓ

## ଜିଲାରେ ଅଛନ୍ତି ୩୦୮ ହାତୀ

ଢେଙ୍କାନାଳ ଜିଲାର ବିଭିନ୍ନ ବନାଞ୍ଚଳରେ ଏବେ ୩୦୮ ହାତୀ ବିଚରଣ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତନ୍ମଧ୍ୟରୁ କେବଳ ମହାବିରୋଡ୍ ରେଞ୍ଜ୍‌ରେ ଏକ ପଲରେ ୩୨ ଏବଂ ହିନ୍ଦୋଳ ରେଞ୍ଜ୍‌ରେ ଗୋଟିଏ ଦଳରେ ୭୦ଟି ହାତୀ ଅଛନ୍ତି। ସେମାନେ ବ୍ୟାପକ ଫସଲ ନଷ୍ଟ କରିବା ସହ ବାରମ୍ବାର ଜନବସତିମୁହାଁ ହେଉଛନ୍ତି, ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟ ହାତୀପଲ ସଂରକ୍ଷିତ ଜଙ୍ଗଲ ଏବଂ ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ଅଞ୍ଚଳରେ ଡେରା ପକାଇଛନ୍ତି। ସେମାନଙ୍କୁ ମୂଳ ବାସସ୍ଥଳୀରେ ଛାଡ଼ିବାକୁ ବନ ବିଭାଗ ପକ୍ଷରୁ ସମସ୍ତ ଉଦ୍ୟମ କରାଯାଉଥିଲେ ମଧ୍ୟ ସଫଳତା ମିଳୁନାହିଁ। ଫସଲ ଉତ୍ପାଦନ ସମୟ ହୋଇଥିବାରୁ ହାତୀପଲ ଜମି ଛାଡୁନାହାନ୍ତି, ଯାହା ବନ ବିଭାଗର ଚିନ୍ତା ବଢ଼ାଇଛି।

## ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରି ଲୁଟ୍

ଭୁବନ, ୧୦।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ରାମକୃଷ୍ଣପୁର ଛକ ନିକଟ ୫୩ନଂ. ଜାତୀୟ ରାଜପଥରେ ବୁଧବାର ରାତିରେ ୩ଜଣ ଅଭିଯୁକ୍ତ ଜଣେ ଟ୍ରେଲର ଡ୍ରାଇଭରଙ୍କୁ ମାଡ଼ମାରି ମୋବାଇଲ ଫୋନ୍ ଏବଂ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଝାଡ଼ଖଣ୍ଡର ସିଂହଭୂମି ଜିଲାର ବାବୁଲ କୁମାର ସାହୁ (୩୪)। ଅଭିଯୋଗ ଅନୁଯାୟୀ, ବାବୁଲ୍ ଟ୍ରେଲର (ନଂ. ସିଜି ୦୭ ସି ୦୧୬୯)ରେ ଲୁହା ପ୍ଲେଟ ନେଇ ଯାଜପୁର ଜିଲା କଳିଙ୍ଗନଗରରୁ ନାଗପୁର ଯାଉଥିଲେ। ରାତି ପ୍ରାୟ ୧୧ଟାରେ ଭୁବନ ଥାନା କାଇଁସିର ଛକ ନିକଟରେ ଥିବା ଏକ ଦୋକାନରେ ଅଟକି ଟାୟାର ତଦାରଖ କରୁଥିବା ବେଳେ ସମ୍ପୃକ୍ତ ୩ ଯୁବକ ବାଇକ୍‌ରେ ଆସି ତାଙ୍କୁ ନିସ୍ତୁକ ପିଟିବା ସହ ୨୦୦୦ ଟଙ୍କା ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। କୌଶଳକ୍ରମେ ସେ ଦୌଡ଼ି ଗାଁ ଭିତରକୁ ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଥାନାକୁ ସୂଚନା ଦେବା ପରେ ପୋଲିସ ପହଞ୍ଚିଥିଲା। ଜଣେ ଅଭିଯୁକ୍ତ ଧରାପଡ଼ିଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୪୫୬/୨୨ରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କହିଛନ୍ତି।

### ରାଜପଥରେ ରାହାଜାନି



## ୨ ଅମିନ ମାରପିଟ ଘଟଣା: ଜଣେ ଗିରଫ

ଢେଙ୍କାନାଳ ଅଫିସ,୧୦।୧୧

ଢେଙ୍କନାଳ ଜିଲା କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଗୋଳ-ଢୁବୁରୀ-ସୁକିନ୍ଦା ରେଳପଥ ନିର୍ମାଣର ଜମି ଅଧିଗ୍ରହଣ ବିଭାଗରେ କାର୍ଯ୍ୟରତ ୨ ଅମିନ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅମିନ ଅନ୍ତର୍ଯ୍ୟାମୀ ନାୟକ ଏବଂ ଲିପୁନ୍ ସ୍ୱାଇଁ ଗୁରୁତର ହୋଇଥିଲେ। ଅନ୍ତର୍ଯ୍ୟାମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାର ତଦନ୍ତ କରି ଟାଉନ ଥାନା ପୋଲିସ ଗୁରୁବାର ଲିପୁନଙ୍କୁ ଗିରଫ କରିଛି। ଏ ନେଇ ନଂ.୬୧୧/୨୨ରେ ଏକ ମାମଲା ରୁଜୁ ହୋଇଛି।

## ବାଲିବୋଝେଇ ଟ୍ରକ୍ ଜବତ

ଭୁବନ, ୧୦।୧୧(ଡି.ଏନ୍.ଏ.)

ଭୁବନ ତହସିଲଦାର ରୋଜାଲିନ ବେହେରା ବୁଧବାର ସନ୍ଧ୍ୟାରେ ୨ ବେଆଇନ ବାଲି ବୋଝେଇ ଟ୍ରକ୍ (ନଂ. ଓଆର ୧୪ ଆର୍ ୩୧୩୧ ଏବଂ ଓଡ଼ି ୦୪ ଏନ୍ ୧୦୯୬) ଜବତ କରିଛନ୍ତି। ଯମୁନାକୋଟ ଅଞ୍ଚଳ ଦେଇ ଉକ୍ତ ବାଲି ଚାଲାଣ ହେଉଥିଲା। ଜରିମାନା ଆଦାୟ ପରେ ଟ୍ରକ୍ ଛଡ଼ାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ି: କଟକ ଚାମ୍ପିୟନ



ଚାମ୍ପିୟନ କଟକ ଦଳ।

ଢେଙ୍କାନାଳ ଅଫିସ, ୧୦।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଡେଙ୍ଗବୋରେଇ ଗ୍ରାମରେ ଚାଲିଥିବା ଦୁଇଦିନିଆ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରକୁ ହରାଇ କଟକ ଚାମ୍ପିୟନ ହୋଇଛି। କଟକ ଦଳ ୪୩ ପଏଣ୍ଟ ପାଇଥିବାବେଳେ ଭୁବନେଶ୍ୱର ଦଳ ୨୫ ପଏଣ୍ଟ ପାଇଥିଲା। ଏଥିପୂର୍ବରୁ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ କଟକ ଦଳ ବାରଙ୍ଗକୁ ୩୪-୨୩ ପଏଣ୍ଟ ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିରେ ଭୁବନେଶ୍ୱର ଦଳ ନେତାଜୀ ସ୍ପୋର୍ଟିଂକୁ ୩୮-୨୩ ପଏଣ୍ଟରେ ପରାସ୍ତ କରି ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ସାମାଜିକ କର୍ମୀ ଡା. ବିବେକାନନ୍ଦ ତ୍ରିପାଠୀ, ଗଣମାଧ୍ୟମ ପ୍ରତିନିଧି ବିଷ୍ଣୁ ପ୍ରସାଦ ସାମଲ, ନର୍ଭେରାମ ଶ୍ରମିକ ସଙ୍ଗଠନ ସଭାପତି ବିଜୟ ଦାସ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ ଅଫିସିଆଲ ଷ୍ଟାଫ୍ ଏହାର ପରିଚାଳନା କରିଥିବାବେଳେ ସ୍ଥାନୀୟ ଯୁବକ ସଂଘ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ଜୋର୍ ଧରିଲା ମେଡିକାଲ କଲେଜ ଦାବି

ଢେଙ୍କାନାଳ ଅଫିସ, ୧୦।୧୧

ଆକାଂକ୍ଷା ଜିଲା ତାଲିକାଭୁକ୍ତ ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍ ଧରିଛି। ରାଜ୍ୟ ଏବଂ କେନ୍ଦ୍ରୀୟ ନେତାଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଥିବା ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ଯଥାଶୀଘ୍ର ଦାବି ପୂରଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ୨୦୧୮ରେ ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ଉଦ୍‌ଘାଟିତ ୭ ମହଲା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ କଲେଜ ଖୋଲିବା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ରହିଛି। ଏଠାରେ ମେଡିକାଲ କଲେଜ ଖୋଲିବା ଲାଗି ୪ ବର୍ଷ ହେଲା ଦାବି ହୋଇଆସୁଛି। ଏପରି କି ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ମଧ୍ୟ ପାଳନ କରାଯାଇଛି। ଜିଲାର ୪ ବିଧାୟକଙ୍କ ସମେତ ଏମ୍‌ପି ମଧ୍ୟ ଶାସକ ବିଜେଡିର। ଜଣେ ବିଧାୟକ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଅଛନ୍ତି। ତଥାପି ଢେଙ୍କାନାଳରେ ମେଡିକାଲ କଲେଜ ଖୋଲିବା ନେଇ ତତ୍ପରତା ପ୍ରକାଶ ପାଉନାହିଁ। ଭିତ୍ତିଭୂମି ଥାଇ ସ୍ୱାସ୍ଥ୍ୟସେବା ପାଇଁ ଜିଲାବାସୀ ଏବେ ବି କଟକ ଉପରେ ନିର୍ଭର କରୁଛନ୍ତି। ତେଣୁ ଢେଙ୍କାନାଳରେ ମେଡିକାଲ କଲେଜ ଖୋଲିବା ପାଇଁ ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂଦେଓ, ଆଇନଜୀବୀ ମଳୟ ପାଣିଗ୍ରାହୀ, ଉପସଭାପତି ଅଖିଳ ମହାପାତ୍ର, କୋଷାଧ୍ୟକ୍ଷ ମହେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ କ୍ଷେତ୍ରବାସୀ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ।

# ୫୦୦ ହେକ୍ଟରରେ ମାଣ୍ଡିଆ ଚାଷ

ଢେଙ୍କାନାଳ ଅଫିସ, ୧୦।୧୧




ମାଣ୍ଡିଆ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ସରକାରୀ କାର୍ଯ୍ୟାଳୟ ପରିସରରେ ହେବ ମିଲେଟ୍ କାଫେ
■ଅଙ୍ଗନୱାଡି କେନ୍ଦ୍ର, ସ୍କୁଲରେ ମିଳିବ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ

ଢେଙ୍କାନାଳ ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଗୁରୁବାର ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମାଣ୍ଡିଆରେ ଭରପୂର ପୁଷ୍ଟିସାର, ସ୍ନେହସାର, ଅନ୍ୟ ଉପାଦେୟ ଖାଦ୍ୟସାର ରହିଛି। ଏହା ଶରୀର ପାଇଁ ମହୌଷଧି ପରି କାମ କରିଥାଏ। ଏହାର ସେବନ ଦ୍ୱାରା ଶରୀର ସୁସ୍ଥସବଳ ରୁହେ। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ରୋଗରୁ ସୁରକ୍ଷା ମିଳିଥାଏ। ଏହାର ଉପାଦେୟତା ପାଇଁ ରାଜ୍ୟ ସରକାର ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି। ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ଚଳିତ ବର୍ଷ ୫ ବ୍ଲକରେ ୫୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଛି। ଆଗାମୀ ଦିନରେ ସମସ୍ତ ବ୍ଲକରେ ଏହି ଚାଷ କରାଯିବ। ଜିଲାର ସମସ୍ତ ବ୍ଲକ, ଉପଖଣ୍ଡ, ପୌରସଂସ୍ଥା, ଏନ୍‌ଏସି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ମିଲେଟ୍ କାଫେ ଖୋଲାଯିବ। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ମାଣ୍ଡିଆରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ମାତ୍ରାରେ ରହିଛି। ପ୍ରତିକୂଳ ପରିବେଶ ଏବଂ ଅଳ୍ପ ଜଳସେଚନରେ ଏହାର ଭଲ ଅମଳ କ୍ଷମତା ରହିଛି। ତେଣୁ ଚାଷୀମାନେ ମାଣ୍ଡିଆ ଚାଷରେ ମନୋନିବେଶ କରିବା ଲାଗି ଆଗେଇ ଆସିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଆଞ୍ଚଳିକ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ ପ୍ରମୁଖ ମାଣ୍ଡିଆର ଉପକାରିତା, ଏହି ଚାଷ ଦ୍ୱାରା ଚାଷୀ କିଭଳି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ପୁରୁଷୋତ୍ତମ ସାହୁ ମାଣ୍ଡିଆ ଚାଷର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମାଣ୍ଡିଆରୁ ପ୍ରସ୍ତୁତ ସ୍ୱାଦିଷ୍ଟ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଡିଅଟ୍, ଶେୟାର, ଫାର, ନ୍ୟୁ ଓଡ଼ିଶା, ଏସ୍‌ଏଚ୍‌ଜି, କୃଷି ବିଭାଗ ଅଧିକାରୀ, କର୍ମଚାରୀଙ୍କ ସମେତ ଜିଲାର ବହୁ ଚାଷୀ ଉପସ୍ଥିତ ଥିଲେ।

